| Publication: | Samaya | Edition: | Bhubaneshwar |
|---|---|---|---|
| Published Date: | 25 Sep 2015 | Page No.: | 10 |
| | | Display: | 1/1 |


# ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍ ଟିସିଏସ୍ ଆଇଟି କ୍ୱିଜ୍ ୨୦୧୫ ବିଜେତା

ଭୁବନେଶ୍ୱର (ସବ୍ୟୁ) : ପ୍ରମୁଖ ଆଇଟି ସେବା, କନ୍‌ସଲ୍ଟିଂ ଓ ବ୍ୟବସାୟ ପ୍ରତିଷ୍ଠାନ, ଟାଟା କନ୍‌ସଲ୍ଟାଂସି ସର୍ଭିସେସ୍ ଦ୍ୱାରା ଆୟୋଜିତ ଭାରତର ସର୍ବବୃହତ୍ତ ଆନ୍ତଃବିଦ୍ୟାଳୟ କୁଇଜ୍, ଟିସିଏସ୍, ଆଇଟି କ୍ୱିଜ୍‌ର ଭୁବନେଶ୍ୱର ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ଜୟଦେବ ବିହାର ସ୍ଥିତ ଜେ/୭, ପାଲ୍ ହାଇଟ୍ସରେ ଗୁରୁବାର ଆୟୋଜିତ ଏହି ପ୍ରତିଯୋଗିତାରେ ୪୫ଟି ବିଦ୍ୟାଳୟର ପ୍ରାୟ ୧ହଜାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଅଷ୍ଟମରୁ ଦ୍ୱାଦଶ ମଧ୍ୟରେ ପଢୁଥିବା ସବୁ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଟିସିଏସ୍ ଆଇଟି କ୍ୱିଜ୍ ଖୋଲା ରହିଥିଲା । ଏଥିପାଇଁ କୌଣସି ପ୍ରବେଶ ଫି ଦେବାକୁ ପଡିନଥିଲା । ଆଞ୍ଚଳିକ ଫାଇନାଲରେ ୫ରାଉଣ୍ଡ କ୍ୱିଜ୍ ଅନୁଷ୍ଠିତ ହେବାପରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ଅକ୍ଷତ ପ୍ରତୀକ୍ ଏବଂ ସମ୍ପ୍ରୀତି କିରଣ ବିଜେତା ଘୋଷିତ ହୋଇଛନ୍ତି । ଚଳିତ ବର୍ଷ ଆଞ୍ଚଳିକ ଚାମ୍ପିଅନ ବିଜେତା ହେବେ ପ୍ରତ୍ୟେକ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ଏୟାର ପାଇଥିବାବେଳେ ଡିଏଭି ୟୁନିଟ୍ ଆର୍ଟ ସ୍କୁଲର ସ୍ୱନ୍ଦନା ଦାଶ ଓ ଶିବପ୍ରସାଦ ରେଡ୍ଡି ରନର୍ସ ଅପ୍ ଭାବେ ପ୍ରତ୍ୟେକ ଆଇପ୍ୟାଡ୍ ମିନି ସମେତ ଟ୍ରଫି ଓ ମେଡାଲ ପାଇଛନ୍ତି । ଲିଖିତ ପ୍ରିଲିମିନାରି ରାଉଣ୍ଡପରେ ଆଞ୍ଚଳିକ ଫାଇନାଲରେ ପ୍ରବେଶ କରିଥିବା ୬ ଫାଇନାଲିଷ୍ଟଙ୍କୁ ଟିସିଏସ୍ ପକ୍ଷରୁ ଲାପ୍‌ଟପ୍ ବ୍ୟାଗ୍, ହେଡ୍‌ଫୋନ୍, ସେଲ୍‌ଫିଷ୍ଟିକ୍, ବ୍ଲୁଟୁଥ୍, ସିପର୍ ଓ ୟୁଏସ୍‌ବି ପେନଡ୍ରାଇଭ୍ ଭଳି ବହୁ ପୁରସ୍କାର ମିଳିଛି ।

ସମ୍ମାନିତ ଅତିଥି ପ୍ରଫେସର ଡ. ଶ୍ୟାମସୁନ୍ଦର ପଟ୍ଟନାୟକ, କୁଳପତି-ବିଜୁ ପଟ୍ଟନାୟକ, ବୈଷୟିକ ବିଶ୍ୱବିଦ୍ୟାଳୟ



(ବିପିୟୁଟି), ଓଡିଶା ଏବଂ ମନୋଜ ପଣ୍ଡା, ସେଣ୍ଟର ମୁଖ୍ୟ, ଟିସିଏସ୍ ଭୁବନେଶ୍ୱର ବିଜେତା ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଟିସିଏସ୍ ଆଇଟି କ୍ୱିଜ୍ ଚଳିତ ବର୍ଷ ଭାରତର ୧୫ଟି ସହର ଯଥା, ଅହମ୍ମଦାବାଦ, ବାଙ୍ଗାଲୁରୁ, ଭୁବନେଶ୍ୱର, ଚେନ୍ନାଇ, କୋଏମ୍ବାଟୁର୍, ଦିଲ୍ଲୀ, ହାଇଦ୍ରାବାଦ୍, ଇନ୍ଦୋର, କୋଚି, କୋଲ୍‌କାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ପୁନେ ଓ ବିଶାଖାପାଟଣାରେ ଅନୁଷ୍ଠିତ ହୋଇଛି । ଚଳିତ ବର୍ଷ ଏହି ଆଇଟି କ୍ୱିଜ୍ ପ୍ରଥମ ଥର ପାଇଁ ବିଶାଖାପାଟଣା ଠାରେ ଅନୁଷ୍ଠିତ ହେଉଛି ।